# ଣତ୍ୱ ବିଧି

**ଉପକ୍ରମ :** ପୁଷ୍ପାଣି, ବାଳକାନ୍, ବିକୀର୍ଣ୍ଣଃ, ନରାଣାମ୍, ବାଳାନାମ୍, ଉପର୍ଯ୍ୟୁକ୍ତ ପଦଗୁଡ଼ିକୁ ପରିଶୀଳନ କରାଯାଉ । ଏଠାରେ କେତେକ ସ୍ଥାନରେ 'ନ'କାର ଶୁଣାଯାଏ ଏବଂ କେତେକ ସ୍ଥାନରେ 'ଣ'କାର ଶୁଣିବାକୁ ମିଳେ । ଅତଏବ କେଉଁଠାରେ 'ଣ'କାର ରହିବ ଏହା ଜାଣିବା ପାଇଁ ଏଠାରେ ଅଭ୍ୟାସ ସହ ବିବରଣ ଦିଆଯାଉଅଛି ।

**ଏକପଦ / ସଂଯୁକ୍ତପଦ**

ଣତ୍ୱ ଜ୍ଞାନ ପୂର୍ବରୁ ଏକପଦ ଓ ସଂଯୁକ୍ତପଦ ମଧ୍ୟରେ ଥିବା ଭେଦ ଜାଣିବା ଉଚିତ । ଏକପଦର ଅର୍ଥ ଗୋଟିଏ ଶବ୍ଦର ନିର୍ଦ୍ଦିଷ୍ଟ ରୂପ ଯଥା- ରାମେଣ, ଅର୍କେଣ ଇତ୍ୟାଦି ।

ସଂଯୁକ୍ତ ପଦର ଅର୍ଥ ସନ୍ଧି, ସମାସ ଦ୍ୱାରା ଯୁକ୍ତ ହୋଇଥିବାପଦ ଯଥା- ପ୍ରଯୋଗେଣ (ପ୍ର + ଯୋଗେନ) । ଏଠାରେ ପ୍ର ମଧ୍ୟ ଗୋଟିଏ ପଦ । ଯେଉଁଠାରେ ଉପସର୍ଗ କିମ୍ବା ଅବ୍ୟୟ ପୂର୍ବପଦରୂପେ ବ୍ୟବହୃତ ହୁଏ ତାହା ମଧ୍ୟ ପଦ ଅଟେ ।

**ଅଭ୍ୟାସଃ**

ତଳେ ଦିଆଯାଇଥିବା ପଦମାନଙ୍କ ମଧ୍ୟରେ ଏକପଦ ଗୁଡ଼ିକୁ '✓' ଚିହ୍ନଦ୍ୱାରା ଏବଂ ସଂଯୁକ୍ତ ପଦଗୁଡ଼ିକୁ '×' ଚିହ୍ନ ଦ୍ୱାରା ଚିହ୍ନାଅ ।

ଯଥା :-

(କ) ନରେଣ (✓) ଏକପଦ
(ଖ) ରାମନାମ (×) ସଂଯୁକ୍ତପଦ
(ଗ) ରାମାୟଣମ୍ (×) ସଂଯୁକ୍ତପଦ

ସେହିପରି - କ'ଣ ହେବ ଲେଖ -

| | | | |
|---|---|---|---|
| (କ) ନାରୀଣାମ୍ | ( ) | (ଚ) ପୁଷ୍ପାଣି | ( ) |
| (ଖ) ରାଗେଣ | ( ) | (ଛ) ପ୍ରୟାଣମ୍ | ( ) |
| (ଗ) ଗୁରୁଣା | ( ) | (ଜ) ଉଦାହରଣାନି | ( ) |
| (ଘ) କାର୍ଯ୍ୟକ୍ରମେଣ | ( ) | (ଝ) ପ୍ରଯୋଗେଣ | ( ) |
| (ଙ) ହରିଣା | ( ) | (ଞ) କାଳକ୍ରମେଣ | ( ) |

**ଅଭ୍ୟାସଃ**

ନିମ୍ନଲିଖିତ ସଂଯୁକ୍ତ ପଦଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରି ପ୍ରଦର୍ଶନ କର ।

ଯଥା :-

ପ୍ରଣାମଃ = ପ୍ର + ନାମଃ
ଗୁରୁନାମ = ଗୁରୁ + ନାମ

ସେହିପରି କ'ଣ ହେବ ଲେଖ -

| | |
|---|---|
| (କ) ଶୂର୍ପଣଖା = ................... | (ଚ) ପରିପୋଷଣମ୍ = ................ |
| (ଖ) ପ୍ରଣିଧାନମ୍ = ................... | (ଛ) ମୃଷାବଚନମ୍ = ................. |
| (ଗ) ନମସ୍କାରେଣ = ................. | (ଜ) ପୁରୀନଗରୀ = .................. |
| (ଘ) ରାମାୟଣମ୍ = ................... | (ଝ) ବିଷଣ୍ଣବଦନଃ = ............... |
| (ଙ) ମୃଗନୟନା = .................. | (ଞ) ସଙ୍କୀର୍ତ୍ତନମ୍ = ................. |

**[ଅଖଣ୍ଡ ପଦେ ନୋ ଣଃ]** (ଏକ ପଦରେ ନ' ସ୍ଥାନରେ ଣ' ହେବ)

ର / ର୍ / ଷ୍ ........... ନ = ଣଃ

ର'କାର, ର'କାର ବା ଷ'କାର ପରେ ଅବ୍ୟବହିତ ନକାରର ଣକାର ହୁଏ ।

ଯଥା :- ପିତୃ + ନାମ୍ = ପିତୃଣାମ୍

ନର + ନାମ୍ = ନରାଣାମ୍

## ଅଭ୍ୟାସଃ

ନିମ୍ନଲିଖିତ ପଦମାନଙ୍କରେ ଥିବା ର / ର / ଷ କୁ କୋଠରୀ ମଧ୍ୟରେ ଲେଖ ।

ଯଥା :- କୀର୍ଣ୍ଣଃ (ର୍)

ସେହିପରି - କ'ଣ ହେବ ଲେଖ ।

| | | | |
|---|---|---|---|
| ତୃଷ୍ଣା = | ( ) | ବର୍ଣ୍ଣନମ୍ = | ( ) |
| କର୍ଣ୍ଣଃ = | ( ) | ମୃଗେଣ = | ( ) |
| ଶିକ୍ଷକେଣ = | ( ) | ତିସୃଣାମ୍ = | ( ) |
| ମାତୃଣାମ୍ = | ( ) | ଅର୍ଣ୍ଣବଃ = | ( ) |
| ଭ୍ରାତୃଣାମ୍ = | ( ) | ପିତୃଣାମ୍ = | ( ) |

**[ବ୍ୟବଧାନେ ସତ୍ୟପି ନୋ ଣଃ]** (ବ୍ୟବଧାନ ଥିଲେ ମଧ୍ୟ ନ'ର ଣ' ହେବ)

ର / ର୍ / ଷ୍

| |
|---|
| ଅଟ୍ = (ସ୍ୱରାଃ + ହଯବ୍) ଅ, ଆ, ଇ, ଈ, ଉ, ଊ, ଏ, ଐ, ଓ, ଔ, ହ, ଯ, ବ, ଅନୁସ୍ୱାର |
| କୁଃ = କ ବର୍ଗ = କ, ଖ, ଗ, ଘ, ଙ, |
| ପୁଃ = ପ ବର୍ଗ = ପ, ଫ, ବ, ଭ, ମ |

ନ = ଣ

ର- ନ ମଧ୍ୟରେ, ର - ନ ମଧ୍ୟରେ, କିମ୍ବା ଷ - ନ ମଧ୍ୟରେ ଯଦି ସ୍ୱରବର୍ଣ୍ଣ, ହଯବ ଅଟ୍ କ ବର୍ଗ କିମ୍ବା ପ ବର୍ଗ ବ୍ୟବଧାନ ଥିଲେ ମଧ୍ୟ ନ' ସ୍ଥାନରେ ଣ ହୁଏ ।

ଯଥା - ରାମେଣ = ର୍ + ଆମ୍ + ଏ + ନ୍ + ଅ = ଣ)

ମୃଗେଣ = ମ୍ + ର + ଗ୍ + ଏ + ନ୍ + ଅ = ଣ)

ପାରାୟଣମ୍ = (ପ୍ + ଆ + ର + ଆ + ୟ୍ + ଅ + ନ୍ + ଅ + ମ୍ = ଣମ୍)

ବର୍ଗେଣ = (ବ୍ + ଅ + ର୍ + ଗ୍ + ଏ + ନ୍ + ଅ = ଣ)

## ଅଭ୍ୟାସଃ

ନିମ୍ନରେ ପ୍ରଦତ୍ତ ସିଦ୍ଧ ରୂପମାନଙ୍କରେ ନିମିତ୍ତ (ର, ର୍, ଷ୍) ଏବଂ ଣ କାରର ମଧ୍ୟରେ ଥିବା ବର୍ଣ୍ଣଗୁଡ଼ିକୁ ଲେଖ । (ଯଦି ଉଦାହରଣ ପଦରେ 'ର, ର୍, ଷ୍' ଦୁଇ କିମ୍ବା ତିନୋଟି ସ୍ଥାନରେ ଦେଖାଯାଏ ତେବେ ଅନ୍ତିମ ରକାର, ର୍ କାର ଏବଂ ଷ୍ କାର ଣତ୍ୱର ନିମିତ୍ତ ଭାବରେ ଗ୍ରହଣୀୟ ଯଥା- 'ଅନ୍ତରିକ୍ଷେଣ' ଏଠାରେ ଣତ୍ୱର ନିମିତ୍ତ କ୍ଷକାର ମଧ୍ୟରେ ଥିବା ଅଙ୍ଗ- ଭୂତ ଷ୍ କାର ।)

ଯଥା :- ନାରାୟଣଃ = (ର୍ + ଆ + ୟ୍ + ଅ)

ସେହିପରି - ଲେଖ

| | |
|---|---|
| ତକ୍ଷକେଣ = ........................ | ଶ୍ରବଣମ୍ = ........................ |
| ବୃକ୍ଷେଣ = ........................ | ପରିଭ୍ରମଣମ୍ = ........................ |
| ମଧୁରେଣ = ........................ | ଭିକ୍ଷୁକାଣାମ୍ = ........................ |
| ଆଚାର୍ଯ୍ୟେଣ = ........................ | କାର୍ଯ୍ୟ କର୍ତ୍ତୃଣାମ୍ = ........................ |
| | ନିଷ୍କ୍ରମଣମ୍ = ........................ |

**[ସଂଜ୍ଞାୟାଂ ନୋଣଃ]** = (ସମସ୍ତ ପଦେ)

ପୂର୍ବପଦରେ ଥିବା ନିମିତ୍ତ ପରେ ଉତ୍ତରପଦରେ ଥିବା ନ'ର ଣକାର ହୁଏ ।

ଯଥା- ରାମ + ଅୟନମ୍ = ରାମାୟଣମ୍

ଶୂର୍ପ + ନଖା = ଶୂର୍ପଣଖା

## ଅଭ୍ୟାସଃ

୧ । ତଳେ ଲେଖାଯାଇଥିବା ଉଦାହରଣମାନଙ୍କରେ ନିମିତ୍ତ ଓ ନ'କାର ମଧ୍ୟରେ ଥିବା ବ୍ୟବଧାୟକ ବର୍ଣ୍ଣ (ସହାୟକ ବା ମିତ୍ରବର୍ଣ୍ଣ) ଗୁଡ଼ିକୁ ବନ୍ଧନୀ ମଧ୍ୟରେ ଲେଖ ।

ଯଥା - ନରାଣାମ୍ = ନ୍ + ଅ + ର୍ + ଆ + ନ୍ + ଆ + ମ୍

ସେହିପରି -

| | | | |
|---|---|---|---|
| କ୍ଷତ୍ରିୟାଣାମ୍ = | ( ) | ଛାତ୍ରାଣାମ୍ = | ( ) |
| ଭାଷଣମ୍ = | ( ) | ସର୍ପେଣ = | ( ) |
| ବ୍ରହ୍ମଣଃ = | ( ) | ମୂଷକାଣାମ୍ = | ( ) |
| ମୟୂରେଣ = | ( ) | ଭ୍ରମେଣ = | ( ) |
| ବାନରେଣ = | ( ) | ବୃକ୍ଷାଣାମ୍ = | ( ) |

୨ । ତଳେ ଲେଖାଯାଇଥିବା ପଦମାନଙ୍କରେ ଣତ୍ୱବିଧିର ପ୍ରତିବନ୍ଧକ ବର୍ଣ୍ଣଗୁଡ଼ିକୁ କୋଠରୀ ମଧ୍ୟରେ ଲେଖ ।

ଯଥା - ଦୃଢ଼ାନି = (ଢ) ଢ କାର ପ୍ରତିବନ୍ଧକ ବର୍ଣ୍ଣ ।

ସେହିପରି -

| | | | |
|---|---|---|---|
| ମର୍ଦ୍ଦନମ୍ = | ( ) | ରାଜକୀୟାନି = | ( ) |
| ମର୍କଟେନ = | ( ) | ମୃଗକୂଳାନି = | ( ) |
| ଦର୍ଶନାନି = | ( ) | ପିତୃଦେବାନାମ୍ = | ( ) |
| ଗୃହସ୍ଥେନ = | ( ) | ମରୀଚେନ = | ( ) |
| ଔଷଧାନି = | ( ) | ଅର୍ଦ୍ଧକେନ = | ( ) |

## ଣତ୍ୱ ନିଷେଧଃ

୧ । (ପଦାନ୍ତରେ ଥିବା 'ନ୍' କାରର ଣ ହୁଏ ନାହିଁ ।)

ଯଥା- ରାମାନ୍, ହରୀନ୍, ତ୍ରୀନ୍, ନରାନ୍,

୨ । ନିମିତ୍ତ ବର୍ଣ୍ଣ ପରେ ପୃଥକ୍ ପଦରେ ନ ଥିଲେ ଣ ହୁଏ ନାହିଁ ।

ଯଥା- ପରିଭବନମ୍, ପରିଗମନମ୍, ପ୍ରନଷ୍ଟଃ, ପରିନିନ୍ଦନମ୍, ହରିନାମ, ଆଚାର୍ଯାନୀ

## ଅଭ୍ୟାସଃ

ଶୁଦ୍ଧରୂପକୁ ✓ ଚିହ୍ନ ଦ୍ୱାରା ଏବଂ ଅଶୁଦ୍ଧ ରୂପକୁ × ଚିହ୍ନ ଦ୍ୱାରା ଚିହ୍ନାଅ ।

ଯଥା - ଏତାଦୃଶେଣ = (×) ଶକାର ବ୍ୟବଧାନ ଥିବାରୁ ।

ସେହିପରି -

| | |
|---|---|
| ରାମଚନ୍ଦ୍ରେନ = ( ) | ସର୍ବାଙ୍ଗୀଣଃ = ( ) |
| ସନ୍ତୋଷେନ = ( ) | ଅପରାହ୍ଣଃ = ( ) |
| ମହାରାଜେଣ = ( ) | ପୂର୍ବାହ୍ନ = ( ) |
| ପରିଶ୍ରମେଣ = ( ) | ଶିବରାମେଣ = ( ) |
| ବାଣପ୍ରୟୋଗେଣ = ( ) | |